# ଆଜି ଅନୁଗୋଳ ଜିଲ୍ଲାରୁ ୭ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ୪୪୫୩୩ରେ ପହଞ୍ଚିଲା ।

ଅନୁଗୋଳ,ତା.୦୭.୦୧:- ଆଜି ଅନୁଗୋଳ ଜିଲ୍ଲାରେ ୭ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଥିବାର ଜଣାପଡିଛି । ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକ୍ ଅଂଚଳରୁ ୨ଜଣ ( ୧ଜଣ ପୁରୁଷ ଓ ୧ଜଣ ମହିଳା) ଓ କଣିହାଁ ବ୍ଲକ୍ ଅଂଚଳରୁ ୫ଜଣ ( ୩ଜଣ ପୁରୁଷ ଓ୨ ଜଣ ମହିଳା) ଅଛନ୍ତି । ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ Isolation ରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୩୯୮ ଜଣ ମୃତ୍ୟୁବରଣ କଲେଣି । ଆଜି ସୁଦ୍ଧା ୧୪ଲକ୍ଷ ୭୦ହଜାର ୬୨ଜଣଙ୍କୁ ଟିକା ଦିଆଗଲାଣି ।

ସେହିପରି ଆଜି ଜିଲ୍ଲାରେ ୧୫ ରୁ ୧୮ ବର୍ଷର ୨ ହଜାର ୩୪୬ ଜଣ କିଶୋର କିଶୋରୀମାନଂକୁ ଟୀକାକରଣ କରାଯାଇଛି । ପ୍ରକାଶଥାଉକି ପ୍ରତ୍ୟେକ ଦିନ ୫ ହଜାର ଟୀକା ଦେବାର ଧାର୍ଯ୍ୟ ଲକ୍ଷ୍ୟ ରହିଛି । ଗତକାଲି ହୋଇଥିବା ଏହି ଟୀକାକରଣ କାର୍ଯ୍ୟକ୍ରମରେ ୫ ହଜାର ଧାର୍ଯ୍ୟ ଲକ୍ଷ୍ୟରୁ ୨ହଜାର ୪୬୨ ଜଣ ଟୀକା ନେଇଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା ୧୮ ତା. ୦୭.୦୧.୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ